ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ୩ ଗିରଫ, ସୁଧାର ଗୃହ ଗଲେ ନାବାଳକ

**ବୋଲେରୋ ସହ ଗଞ୍ଜେଇ ଜବତ**

ବ୍ରହ୍ମପୁର,୧୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଅବକାରୀ ଗୋଇନ୍ଦା ଡିଏସ୍‌ପି କୁବେର ସେଠୀଙ୍କ ନେତୃତ୍ୱରେ ଏକ ଟିମ ଗଞ୍ଜେଇ ଭର୍ତ୍ତି ଗାଡି ଜବତ କରିବା ସହ ୨ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର ପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡଖଣ୍ଡ ଧାନବାଦର ଲକ୍ଷ୍ମୀକାଣ୍ଡି ଗ୍ରାମର ସବନମ ଖାତୁନ, ସୁଶିଳା ଦେବୀ ଓ ମୁମତାଜ ଅଂଶାରୀ। ଏମାନେ ଗଜପତିରୁ ଗଞ୍ଜେଇ ଆଣି ବ୍ରହ୍ମପୁର ଦେଇ ଝାଡଖଣ୍ଡ ଚାଲାଣ କରୁଥିଲେ ବୋଲି ଜେରା ବେଳେ ସ୍ୱୀକାର କରିଥିଲେ। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, କେତେଜଣ ମହିଳା ଗଞ୍ଜେଇ ଚାଲାଣ କରୁଥିବା ଅବକାରୀ ଡିଏସପିଙ୍କୁ ଖବର ମିଳିଥିଲା। ରାତି ଟିମ ଫାଷ୍ଟଗେଟ ନିକଟରେ ଯାନବାହନ ଯାଞ୍ଚ କରୁଥିଲା। ସେହି ସମୟରେ ବ୍ରହ୍ମପୁରକୁ ପ୍ରବେଶ କରୁଥିବା ଏକ ବୋଲେରୋ (ଓଡ଼ି ୦୯ ବି -୪୬୯୭)କୁ ଅଟକାଇ ଯାଞ୍ଚ କରିବାରୁ ଦୁଇଟି ବସ୍ତାରେ ଥିବା ୫୦କେଜି ଗଞ୍ଜେଇ ମିଳିଥିଲା। ତାହାକୁ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଏସଆଇ ଅଜିତ କୁମାର ନାୟକ, ସୁଦର୍ଶନ ବିଷୋୟୀ, ଏଏସଆଇ ବ୍ରଜ ବିହାରୀ ନାୟକ, କନେଷ୍ଟେବଲ କପିଳାଶ ଭତ୍ରା, ସନ୍ତୋଷ କୁମାର ନାୟକ, ବଳରାମ ଜେନା ପ୍ରମୁଖ ସାମିଲ ଥିଲେ।

### ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧୯।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ଗୁରୁବାର ଜଣେ ନାବାଳିକା ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ସନ୍ତୋଷ ପରିଡା। ଘଟଣାରୁ ପ୍ରକାଶ ଯେ, ୨୦୨୧ ନଭେମ୍ବର ୧ ତାରିଖରେ ୧୫ ବର୍ଷିୟା ନାବାଳିକାଙ୍କୁ ତାଙ୍କ ଘର ଭିତରୁ ଜଣେ ଯୁବକ ବଳପୂର୍ବକ ଉଠାଇନେଇ ଗାଁ ମୁଣ୍ଡରେ ବାରମ୍ବାର ବଳାତ୍କାର କରିଥିଲେ। ପୀଡ଼ିତା ଜଣଙ୍କ ଘଟଣା ସମ୍ପର୍କରେ ତାଙ୍କ ଘରେ ଜଣାଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୀଡିତାଙ୍କ ବୟାନ ଅନୁସାରେ ପୋଲିସ ୪୪୨/୨୧ରେ ବଳାତ୍କାର ମାମଲା ରୁଜୁ କରି ସନ୍ତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଭଞ୍ଜନଗର ଡ଼ିଏସପି ଶୁଭ୍ରାଂଶୁଶେଖର ପଣ୍ଡା କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ପରେ ଅଭିଯୁକ୍ତଙ୍କ ଜାମିନ ପାଇଁ ତାଙ୍କ ଓକିଲ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ନିର୍ଦ୍ଦେଶ ଅନୁଯାୟୀ ୨୦୨୨ ମେ ୧୮ ତାରିଖରେ ସନ୍ତୋଷଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଜାମିନରେ ଥିବା ସନ୍ତୋଷ ଗୁରୁବାର ରାୟ ପ୍ରକାଶ ବେଳେ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନ ଥିବାରୁ ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

# ୫ ଆସନରୁ ହୋଇନାହାନ୍ତି ବିଧାୟିକା

## ଗଞ୍ଜାମ ଜିଲାରେ ୧୩ ବିଧାନସଭା କ୍ଷେତ୍ର

ବ୍ରହ୍ମପୁର,୧୯।୧୦(ନରସିଂହ ସାହୁ)

ରାଜ୍ୟରେ ୧୯୫୧-୧୯୫୨ରୁ ୨୦୧୯ ସୁଦ୍ଧା ୧୬ ବିଧାନସଭା ନିର୍ବାଚନ ହୋଇଛି। ବୃହତ୍ତମ ଜିଲା ଗଞ୍ଜାମର ୧୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ୫ଟି ଯଥା ଛତ୍ରପୁର, ଗୋପାଳପୁର, ହିଞ୍ଜିଳି, ଭଞ୍ଜନଗର ଓ ପୋଲସରାରୁ ବିଧାୟିକା ନିର୍ବାଚିତ ହୋଇନାହାନ୍ତି। ୨୦୨୪ସାଧାରଣ ନିର୍ବାଚନ ନିକଟତର ହୋଇଛି। ତେଣୁ ଏହି ଆସନଗୁଡ଼ିକରେ ବିଜେଡି ପକ୍ଷରୁ ମହିଳାଙ୍କୁ ପ୍ରାର୍ଥୀ କରାଯିବାକୁ ଦଳର ମହିଳା ସଂଗଠନର ନେତ୍ରୀ ଓ ସକ୍ରିୟ କର୍ମୀଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ନାମ ଗୋପନ ରଖି କେତେଜଣ ନେତ୍ରୀ କହିଛନ୍ତି, ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ ଦେଇ ଜାତୀୟ ରାଜନୀତିରେ ଚର୍ଚ୍ଚିତ ହୋଇଛନ୍ତି। ତେଣୁ ସୁଯୋଗ ମିଳିବା ଆଶା ଥିବା କହିଛନ୍ତି।

ଜିଲାର ୮ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସମୟରେ ଅଣକଂଗ୍ରେସ ଓ କଂଗ୍ରେସରୁ ଲଢ଼ି ମହିଳାମାନେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନୀ ତଥ୍ୟ ଅନୁସାରେ ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ଆସନରୁ ସୁଜ୍ଞାନ କୁମାରୀ ଦେଓ ବିଭିନ୍ନ ସମୟରେ ଅଣ କଂଗ୍ରେସ ଦଳରୁ ୯ଥର ବିଧାୟିକା ହୋଇଛନ୍ତି। ଚିକିଟିରୁ ଉଷାଦେବୀ ଜନତା ଦଳ ଓ ବିଜେଡିରୁ ୬ ଥର ଜିତିଛନ୍ତି। ଅତୀତରେ ସୋରଡ଼ାରୁ ଶାନ୍ତି ଦେବୀ, ଆସିକା ଓ ସୋରଡ଼ାରୁ କଂଗ୍ରେସରୁ ଲଢ଼ି ଉଷାରାଣୀ ପଣ୍ଡା ଦୁଇଥର ବିଧାୟିକା ହୋଇଥିଲେ। ୨୦୧୪ ନିର୍ବାଚନରେ ସାନଖେମୁଣ୍ଡିରୁ ନନ୍ଦିନୀ ଦେବୀ ନିର୍ବାଚିତ ହୋଇଥିଲେ। ୧୯୫୭ ନିର୍ବାଚନରେ ବଡ଼ଖେମୁଣ୍ଡି ତଥା ବର୍ତ୍ତମାନର ଦିଗପହଣ୍ଡି କ୍ଷେତ୍ରରୁ ଅନଙ୍ଗ ମଞ୍ଜରୀ ବିଧାୟିକା ହୋଇଥିଲେ। ୨୦୧୯ ନିର୍ବାଚନରେ ସୂର୍ଯ୍ୟମଣି ବୈଦ୍ୟ ଖଲ୍ଲିକୋଟରୁ ଏବଂ କବିସୂର୍ଯ୍ୟନଗରରୁ ଲତିକା ପ୍ରଧାନ ବିଧାୟିକା ହୋଇଛନ୍ତି। ଆସିକାରୁ ମଞ୍ଜୁଳା ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ୧୯୭୭ ନିର୍ବାଚନରେ ରତ୍ନମଞ୍ଜରୀ ଦେବୀ ବ୍ରହ୍ମପୁର ବିଧାୟିକା ହୋଇଥିଲେ।

ସୂଚନାଯୋଗ୍ୟ, ଲୋକସଭା ଓ ବିଧାନସଭାରେ ୩୩% ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷଣ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପ୍ରଥମେ ପ୍ରସଙ୍ଗ ଉଠାଇଥିଲେ। ଏହାକୁ ସମର୍ଥନ ନିମନ୍ତେ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହଯୋଗ ଲୋଡ଼ିଥିଲେ। ବିଳମ୍ବରେ ହେଲେ ମଧ୍ୟ କେନ୍ଦ୍ର ଏନଡିଏ ସରକାର ଆଇନ ପ୍ରଣୟନ କରିଛନ୍ତି। ଅନ୍ୟପକ୍ଷରେ ମହିଳା ବିଧାୟିକା ହୋଇ ନ ଥିବା ଉପରୋକ୍ତ ନିର୍ବାଚନ ମଣ୍ଡଳୀ ଗୁଡ଼ିକରୁ ଅନ୍ତତଃପକ୍ଷେ ବିଜେଡି ସୁଯୋଗ ସୃଷ୍ଟି କରିବା ନିମନ୍ତେ ମହିଳା ସଂଗଠନ ଗୁରୁତ୍ୱ ଦେଇଛି।

# ୪୬ ବର୍ଷରେ ଜନାନା ହସ୍ପିଟାଲ ରୋଡ ବ୍ୟବସାୟୀ ସଂଘ ପୂଜା



ସୁବାରାଓ ଛକରେ ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ।

ବ୍ରହ୍ମପୁର,୧୯।୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହର ଜନାନା ହସ୍ପିଟାଲ ରୋଡ ବ୍ୟବସାୟୀ ସଂଘ ପକ୍ଷରୁ ଚାଲିଥିବା ଦୁର୍ଗାପୂଜା ଚଳିତବର୍ଷ ୪୬ ବର୍ଷରେ ପହଞ୍ଚିଛି। ଗୁରୁବାର ପଞ୍ଚମୀରୁ ମା’ଙ୍କ ପୂଜା ଆରମ୍ଭ ହୋଇଛି। ସକାଳେ ସୂର୍ଯ୍ୟପୂଜା ପରେ ହୋମଯଜ୍ଞ ଓ ସନ୍ଧ୍ୟାରେ ମା’ଙ୍କ ଆଳତୀ କରାଯାଇଥିଲା। ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ମାର୍କେଣ୍ଡେଶ୍ୱର ଭଜନ ସଂଘ ପକ୍ଷରୁ ଭଜନ ପରିବେଷଣ ଚାଲିଛି। ଆସନ୍ତା ୨୪ତାରିଖ ଯାଏଁ ପ୍ରତିଦିନ ଭଜନ ସନ୍ଧ୍ୟା ହେବ। ଏଥିସହ ପ୍ରତ୍ୟେକ ଦିନ ପ୍ରାୟ ୨୦୦ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଉଛି। ସଂଘ ପକ୍ଷରୁ ୧୯୭୭ରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ମୁନି ବାବୁ, ଟୁକୁନା ପାଣିଗ୍ରାହୀ ଓ ଶରତ ଚନ୍ଦ୍ର ପାଢି ପୂଜା ଆରମ୍ଭ କରିଥିଲେ। ପ୍ରଥମେ ଜନାନା ହସ୍ପିଟାଲ ସମ୍ମୁଖ ମଣ୍ଡପରେ ମା’ଙ୍କ ପୂଜା ହେଉଥିଲା। ସମୟକ୍ରମେ ରାସ୍ତା ପ୍ରଶସ୍ତୀକରଣ କାରଣରୁ ଉକ୍ତ ମଣ୍ଡପ ଭଙ୍ଗାଯାଇଥିଲା। ଏହାପରେ ସଂଘ ପକ୍ଷରୁ ସୁବାରାଓ ଛକ ସ୍ଥିତ ଏକ ସାହି ଗଳିରେ ପୂଜା ହୋଇଥିଲା। ସେଠାରେ ସ୍ଥାନୀୟ ଲୋକଙ୍କ ଗୃହ ନିର୍ମାଣ କରାଯିବାରୁ ଗତ ୪ବର୍ଷ ହେଲା ସୁବାରାଓ ଛକ ମୁଖ୍ୟ ରାସ୍ତାକଡରେ ପୂଜା ହେଉଛି। ରାସ୍ତାରେ ଭିଡ ନିୟନ୍ତ୍ରଣ କରିବା ଲାଗି ସଂଘ ପକ୍ଷରୁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ପୋଲିସ ସୁରକ୍ଷା ବ୍ୟବସ୍ଥା ମଧ୍ୟ ହୋଇଛି। ଚଳିତବର୍ଷ ସଂଘ ସଭାପତି କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ତ୍ରିପତି ନାୟକ, ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ, ସଂପାଦକ କେ ଶ୍ରୀନିବାସ ରାଓ ଓ ଉପଦେଷ୍ଟା ଶରତ ଚନ୍ଦ୍ର ପଣ୍ଡା ପୂଜା ପରିଚାଳନାରେ ସହଯୋଗ କରୁଛନ୍ତି।

# ତଦନ୍ତକାରୀ ଅଧିକାରୀଙ୍କ ବୟାନ ରେକର୍ଡ

## ଗାଡ଼ି ଭଡ଼ାରେ ନେଇ ଡ୍ରାଇଭର ହତ୍ୟା ମାମଲା

ବ୍ରହ୍ମପୁର,୧୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ୍-୧ ଡ. ଇନ୍ଦୁ ଶର୍ମାଙ୍କ କୋର୍ଟରେ ଜଣେ ଗାଡି ଡ୍ରାଇଭର ହତ୍ୟା ମାମଲାର ବିଚାର ଚାଲିଛି। ଉକ୍ତ ହତ୍ୟା ମାମଲାର ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଦିଗପହଣ୍ଡି ଥାନା ଏସ୍‌ଆଇ ଦେବାଶିଷ ମହାନ୍ତି କୋର୍ଟରେ ହାଜର ହୋଇ ବୟାନ ଦେଇଛନ୍ତି। ପୂର୍ବରୁ ଏହି ମାମଲାରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିବା ତତ୍କାଳୀନ ଦିଗପହଣ୍ଡି ଥାନାଧିକାରୀ ଆଦିତ୍ୟ କୁମାର ସେଠୀ ୧୮ ତମ ସାକ୍ଷୀ ଭାବେ ହାଜର ହୋଇ ନିଜର ବୟାନ ଦେଇସାରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩୧ ତାରିଖରେ କରାଯିବାକୁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଛି।

ମାମଲାରୁ ପ୍ରକାଶ, ୨୦୧୬ରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଅନଙ୍ଗପୁର ଗ୍ରାମର ଆର. ସୁନୀଲ ରେଡ୍ଡିଙ୍କୁ ୨ଅଜଣା ଯୁବକ ଭେଟି ତାଙ୍କ ପିକ୍‌ଅପ୍ ଭ୍ୟାନ ଭଡ଼ାରେ ନେବାକୁ କହିଥିଲେ। ବଦଳି ହୋଇଥିବା ଜଣେ ଅଫିସରଙ୍କ ଆସବାବପତ୍ର ଭୁବନେଶ୍ୱର ନେବାକୁ ହେବ ବୋଲି ସେମାନେ କହିଥିଲେ। ତେଣୁ ସୁନୀଲ ନିଜ ଗାଡି ଧରି ଯୁବକଦ୍ୱୟ କହିଥିବା ଜାଗାକୁ ଯାଇ ସେଠାରୁ କିଛି ଆସବାବପତ୍ର ଗାଡ଼ିରେ ରଖିଥିଲେ। ଯୁବକଦ୍ୱୟ ଜତୀୟ ରାଜପଥର ପୁକୁଡିବନ୍ଧ ଜଙ୍କଶନ ନିକଟରେ ସୁନୀଲଙ୍କୁ ମୃଦୁ ପାନୀୟରେ ନିଶା ମିଶାଇ ପିଇବାକୁ ଦେବାରୁ ସେ ଅଚେତ ହୋଇପଡିଥିଲେ। ପରେ ସେମାନେ ଗାଡି ନେଇ ଭୁବନେଶ୍ୱର ଅଭିମୁଖେ ଚାଲିଯାଇଥିଲେ। ଦୀର୍ଘଦିନ ଧରି ସୁନୀଲ ଘରକୁ ନ ଫେରିବାରୁ ତାଙ୍କ ଭାଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଜାତୀୟ ରାଜପଥ ଟୋଲଗେଟରେ ଲାଗିଥିବା ସିସି ଟିଭି ଫୁଟେଜ ଓ ସୁନୀଲଙ୍କ ମୋବାଇଲ ଟ୍ରାକିଂ କରି ଅଭିଯୁକ୍ତଙ୍କୁ ଧରିଥିଲା। ମୁଖ୍ୟ ଅଭିଯୁକ୍ତ ଅନୁଗୋଳର ଲୋକନାଥ ପ୍ରଧାନ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଥିଲା। ଲୋକନାଥଙ୍କୁ ଜେରା ବେଳେ ସେମାନେ ସୁନୀଲଙ୍କୁ ଅଚେତ କରାଇବା ପରେ ହୁମ୍ମା ନିକଟରେ ହତ୍ୟା କରି ଗାଡି ନେଇଯାଇଥିଲେ ବୋଲି ସ୍ୱୀକାର କରିଥିଲେ। ଲୋକନାଥ ସେବେଠୁ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭାବେ ଜ୍ଞାନରଞ୍ଜନ ଜେନା ମକଦ୍ଦମା ପରିଚାଳନା କରୁଛନ୍ତି।

### ସାନଖେମୁଣ୍ଡି ବିଧାୟକ କୋର୍ଟରେ ହାଜର

ବ୍ରହ୍ମପୁର,୧୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଦୁଇଟି ଜମି ହଡ଼ପ ମାମଲାରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଓ ତାଙ୍କ ସହଯୋଗୀଙ୍କ ନାମରେ କୋର୍ଟରେ ଚାର୍ଜଫ୍ରେମ ହୋଇଛି। ଏମ୍‌ପି, ବିଧାୟକମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମଏଫସି)କୋର୍ଟରେ ରମେଶ ଓ ତାଙ୍କ ସହଯୋଗୀ ହାଜର ହୋଇଥିଲେ। ଟାଉନ୍ ଥାନା ଗୋଲାପଲ୍ଲୀ ସାହିର ମହେନ୍ଦ୍ର ପାତ୍ର ଜମି ହଡ଼ପ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଜିଆର୍ ୨୨୮/୨୦୧୬ରେ ସାନଖେମୁଣ୍ଡି ବିଧାୟକ ଜେନା, ତାଙ୍କ ବାପା ଅରକ୍ଷିତ ଜେନା, ବିଏମସି କର୍ପୋରେଟର ଆର୍.ମୂରଲି ମୋହନ, ବୁବୁନ ସାହୁ, କୃଷ୍ଣ ଚନ୍ଦ୍ର ସାହାଣୀ, ଯୋଗେନ୍ଦ୍ର ବେହେରା କୋର୍ଟରେ ହାଜର ହୋଇଥିଲେ। ଜେଏମ୍‌ଏଫସି ଫାଷ୍ଟକ୍ଲାସ୍ ଶିବାନୀ ମିଶ୍ରଙ୍କ କୋର୍ଟରେ ହାଜର ହେବା ପରେ ଏହି ମାମଲାର ଚାର୍ଜଫ୍ରେମ କରାଯାଇଥିଲା। ସଦର ଥାନା ନିମଖଣ୍ଡ ମୌଜାରେ ଜମି ଠକେଇ ହୋଇଥିବା ରାଜ କିଶୋର ପଟ୍ଟନାୟକ ଅଭିଯୋଗ କରିଥିଲେ। ଜିଆର୍ ନମ୍ବର ୩୧୨/ ୨୦୧୬ର ମଧ୍ୟ ଗୁରୁବାର ଚାର୍ଜଫ୍ରେମ ହୋଇଥିଲା। ରମେଶ, ଅରକ୍ଷିତ, ମୂରଲି, ବୁବୁନ, ସାଇ ପଟ୍ଟନାୟକ ଉପସ୍ଥିତ ହୋଇଥିଲେ। ଆଉ ଏକ ଜମି ଠକେଇ ମାମଲା ଜିଆର୍ ୩୭୭ /୨୦୧୬ରେ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମାଗୁଣି ଚରଣ ପଲେଇ ଓ ଅଭିଯୁକ୍ତଙ୍କ ପକ୍ଷରୁ କିଶୋର ବିଷୋୟୀ, ନିର୍ମଳ ସାହୁ ଓ ସରୋଜ ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ।

### ଏବିଭିପିର ସଦସ୍ୟତା ଅଭିଯାନ

ବୁଗୁଡ଼ା,୧୯।୧୦ (କାଳୀ ଚରଣ ଦାଶ)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମାଣିତରା ଗ୍ରାମରେ ଥିବା ମାଣିତରା ବିଜ୍ଞାନ ମହାବିଦ୍ୟାଳୟଠାରେ ଗୁରୁବାର ଘୁମୁସର ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ମହାସଦସ୍ୟତା ଅଭିଯାନ ଆରମ୍ଭ ହୋଇଯାଇଛି। ଏଥିରେ ଘୁମୁସର ଜିଲା ସଂଯୋଜକ ରାକେଶ ଜେନା ଓ ଘୁମୁସର ଜିଲା ସୋସିଆଲ ମିଡିଆ ସଂଯୋଜକ ସାନ୍ତନୁ ସେଠୀ, ବୁଗୁଡ଼ା ନଗର ସମ୍ପାଦକ ବିନାୟକ ସାହୁ, ବୁଗୁଡ଼ା ନଗର ଏଏଫ୍‌ଏସ୍ ପ୍ରମୁଖ ତୁଷାର ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଦ୍ୟାର୍ଥୀ ପରିଷଦ ବିଷୟରେ ବୁଝାଇବା ସହ ମହାବିଦ୍ୟାଳୟ କ୍ୟାମ୍ପସ ଶାଖା ଗଠନ ପାଇଁ କହିଥିଲେ। ଏଥିରେ ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ହଳଦୀ, ଖଡ଼ି, ମହମରେ ନବ ଦୁର୍ଗାଙ୍କ ପ୍ରତିମୂର୍ତ୍ତି



ସତ୍ୟ ନିର୍ମାଣ କରିଥିବା ନବ ଦୁର୍ଗାଙ୍କ ପ୍ରତିମୂର୍ତ୍ତି।

ବ୍ରହ୍ମପୁର,୧୯।୧୦(ସ୍ମୃତି ରଞ୍ଜନ ମହାଲିକ)

ଶାରଦୀୟ ପୂଜାରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ମା’ ଦୁର୍ଗାଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ସେ କାଠ, ହଳଦୀ, ଚକ୍‌ଖଡି ଓ ମହମରେ ନବ ଦୁର୍ଗା ନିର୍ମାଣ କରିଛନ୍ତି। ସେ କାଠରେ ନିର୍ମାଣ କରିଥିବା ୨ଟି ପ୍ରତିମୂର୍ତ୍ତିର ଉଚ୍ଚତା ୨.୫ ସେଣ୍ଟି ମିଟର ଓ ୨.୪ ସେଣ୍ଟି ମିଟର ରହିଛି। ସେହିଭଳି ହଳଦୀ ପ୍ରତିମୂର୍ତ୍ତିର ଉଚ୍ଚତା ୨ ସେଣ୍ଟି ମିଟର, ଚକ ଖଡି ପ୍ରତିମୂର୍ତ୍ତିର ଉଚ୍ଚତା ୨ ସେଣ୍ଟି ମିଟର ରହିଛି। ସେହିପରି ମହମରେ ନିର୍ମିତ ମା ଦୁର୍ଗାଙ୍କ ପ୍ରତିମୂର୍ତ୍ତିର ଉଚ୍ଚତା ଯଥାକ୍ରମେ ୯ ଏମଏମ , ୧.୩ ସେମି, ୧.୪ ସେମି, ୧.୫ ସେମି ଓ ୧.୮ ସେମି ରହିଛି। ଏହାକୁ ନିର୍ମାଣ କରିବାକୁ ସତ୍ୟଙ୍କୁ ଗୋଟିଏ ସମୟ ଲାଗିଥିବା କହିଛନ୍ତି।

# ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭା

ବ୍ରହ୍ମପୁର,୧୯।୧୦(ସ୍ମୃତି ରଞ୍ଜନ ମହାଲିକ)

ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟତଃ ମଧୁବାବୁ ପେନସନ ଯୋଜନାରେ ବରିଷ୍ଠ ନାଗରିକଙ୍କୁ ସାମିଲ କରି ମାସିକ ୨ ହଜାର ଟଙ୍କା ପ୍ରଦାନ ସମେତ ୮ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ରକୁ ସମର୍ଥନ କରାଯାଇଛି। ଏଥିସହ ପୁରୀ ଶ୍ରୀମନ୍ଦିରକୁ ଯିବାକୁ ହେଲେ ଶୃଙ୍ଖଳିତ ପୋଷାକ ପରିଧାନକୁ ବାଧ୍ୟତାମୂଳକ କରାଯିବାକୁ ନିଷ୍ପତ୍ତି ହୋଇଥିବାରୁ ଏହା ଉତ୍ତମ ପଦକ୍ଷେପ ବୋଲି କୁହାଯାଇଥିଲା। ସଭାରେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସଭାପତି ରାଧାଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ଡା ପ୍ରାଣଚାନ୍ଦ ପଣ୍ଡା, ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଓ କୋଷାଧ୍ୟକ୍ଷ ଲଡୁକେଶ ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜିକ କର୍ମୀ ଡ. ଶିବ ପ୍ରସାଦ ମିଶ୍ର, ମୁଖ୍ୟ ସଂଯୋଜକ ଗୌରୀ ଶଙ୍କର ପଟ୍ଟନାୟକଙ୍କ ସମେତ ସୁବାସ ଚନ୍ଦ୍ର ସୁବୁଦ୍ଧି, ହାଡିବନ୍ଧୁ ମାଳି, ରାମକୃଷ୍ଣ ଆଚାରୀ, ସଦାଶିବ ପାଣିଗ୍ରାହୀ, ଗୋପାଳକୃଷ୍ଣ ପାଢ଼ୀ, ଇ.ଦିଲେଷ୍ଟୁ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।




ସଭାରେ ଉପସ୍ଥିତ ମଞ୍ଚର ସଦସ୍ୟ ବୃନ୍ଦ।

# ଭାଜପାର ମହିଳା ସ୍ୱାଭିମାନ ସମାବେଶ




ସମାବେଶରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ବ୍ରହ୍ମପୁର,୧୯।୧୦ (ନରସିଂହ ସାହୁ)

ବ୍ରହ୍ମପୁର ମହାନଗର ନିକଟସ୍ଥ ଡୁରା ଠାରେ ଗୁରୁବାର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମହିଳା ସ୍ୱାଭିମାନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ମୋନିକା ପ୍ରହରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ଇତିମଧ୍ୟରେ ପାର୍ଲାମେଣ୍ଟର ଉଭୟ ଗୃହରେ ପାରିତ ମହିଳାଙ୍କ ପାଇଁ ଲୋକସଭା ଓ ବିଧାନସଭାରେ ୩୩% ଆସନ ସଂରକ୍ଷଣ ସେମାନଙ୍କୁ ରାଜନୈତିକ ଓ ସାମାଜିକ ନ୍ୟାୟ ମିଳିବ ବୋଲି ସେ କହିଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅବଦାନ ଅତୁଳନୀୟ ହୋଇଥିବା ସମାବେଶରେ ଦର୍ଶାଯାଇଥିଲା। ୨୦୨୪ ନିର୍ବାଚନ ପାଖେଇ ଆସୁଥିବାରୁ ଏହି ଐତିହାସିକ ଆଇନ ସମ୍ପର୍କରେ ମହିଳା ଭୋଟରଙ୍କୁ ସଚେତନ କରାଇବାକୁ ଗୁରୁତ୍ୱ ଦିଆଯାଇଥିଲା।

ଜିଲା ଭାଜପା ସଭାପତି ବିଭୂତି ଜେନା ସମାବେଶକୁ ଉଦଘାଟନ କରିଥିଲେ। ସାଢ଼େ ୯ ବର୍ଷର ଏନଡିଏ ଶାସନରେ ବହୁମୁଖୀ ବିକାଶ ଏବଂ ଜନକଲ୍ୟାଣ ଯୋଜନା ହୋଇଥିବା କହିଥିଲେ। ଘରେ ଘରେ ଏହି ବାର୍ତ୍ତା ପହଞ୍ଚାଇବାକୁ ମୋର୍ଚ୍ଚା କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ସାଧାରଣ ସମ୍ପାଦିକା ଅନୁଜା ନନ୍ଦ ବିଶ୍ୱାଳ, ବର୍ଷା ବିଦ୍ୟୁସ୍ମିତା ପାଳ ଓ ଅନ୍ୟମାନେ ଉଦବୋଧନ ଦେଇଥିଲେ। ସମାବେଶରେ ଭାଜପା ଜିଲା ସାଧାରଣ ସମ୍ପାଦକ ଗଙ୍ଗାଧର ଶତପଥୀଙ୍କ ସମେତ ବାଳକୃଷ୍ଣ ସାମନ୍ତରା ପ୍ରମୁଖ ଯୋଗଦେଇ ମହିଳା ମୋର୍ଚ୍ଚା ସଂଗଠନକୁ ଜିଲାରେ ଅଧିକ ସୁଦୃଢ଼ କରିବାକୁ ସଚେତନ କରାଇଥିଲେ। ମଧୁସ୍ମିତା ଠାକୁର ଧନ୍ୟବାଦ ଦେଇଥିଲେ। ଉପସ୍ଥିତ ଥିବା ଆଖପାଖ ଅଞ୍ଚଳର କାରିଗର ଓ ଶିଳ୍ପୀମାନଙ୍କୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା।

### ସାହିରୁ ଝିଙ୍କ ଉଦ୍ଧାର କଲା ବନ ବିଭାଗ

ବ୍ରହ୍ମପୁର,୧୯।୧୦(ସ୍ମୃତି ରଞ୍ଜନ ମହାଲିକ)

ଆସ୍କାରୋଡସ୍ଥିତ ଗ୍ରାମଦେବତୀ ମନ୍ଦିର ନିକଟ ହରିଜନ ସାହିରୁ ବ୍ରହ୍ମପୁର ବନ ବିଭାଗ ଏକ ଝିଙ୍କ ଉଦ୍ଧାର କରିଛି। ସାହି ନିକଟରେ ଝିଙ୍କ ବୁଲୁଥିବା ନେଇ ସ୍ଥାନୀୟ ବାସିନ୍ଦା ଦେଖିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ରେଞ୍ଜ ଅଧିକାରୀ ମାଣିକେଶ୍ୱରୀ ହାଂସଦାଙ୍କ ନିର୍ଦ୍ଦେଶକ୍ରମେ ବନପାଳ ବାବୁ ସେଠୀଙ୍କ ନେତୃତ୍ୱରେ ଏକ ଟିମ ଉକ୍ତ ସାହିରେ ପହଞ୍ଚି ଝିଙ୍କକୁ ଉଦ୍ଧାର କରିଛନ୍ତି। ଝିଙ୍କଟିର ବୟସ ୭ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାହାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିବା ବନ ବିଭାଗ କହିଛି।



ବନ ବିଭାଗ ଦ୍ୱାରା ଉଦ୍ଧାର କରାଯାଇଥିବା ଝିଙ୍କ।

# ୨ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭିଜିଲାନ୍ସ ଏସ୍‌ପିଙ୍କ ଚିଠି

## କୋର୍ଟରେ ବୟାନ ବଦଳାଇଲେ ସରକାରୀ ସାକ୍ଷୀ

ବ୍ରହ୍ମପୁର,୧୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

୨୦୨୦ ନଭେମ୍ବର ୯ ତାରିଖରେ ଭଞ୍ଜବିହାରର ପ୍ରଫୁଲ୍ଲ ଚନ୍ଦ୍ର ଦାଶଙ୍କଠାରୁ ବିବାହ ସାର୍ଟିଫିକେଟ୍ ପାଇଁ ୨୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୋପାଳପୁର ଏନ୍‌ଏସି ତତ୍କାଳୀନ କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରିୟରଞ୍ଜନ ମହାରଣା ଭିଜିଲାନ୍ସ ହାତରେ ଧରାପଡିଥିଲେ । ବ୍ରହ୍ମପୁର ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହି ସମୟରେ ତଦନ୍ତ ଅଧିକାରୀ ଡିଏସ୍‌ପି ହେନେରି କୁଲୁ ଗୋପାଳପୁର ଏନ୍‌ଏସି ଆସିଷ୍ଟାଣ୍ଟ ଟ୍ୟାକ୍ସ କଲେକ୍ଟର ବିଶ୍ୱନାଥ ଦଳାଇଙ୍କ ଠାରୁ କିଛି କାଗଜପତ୍ର ଜବତ କରିଥିଲେ। ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ରଶ୍ମିରାଣୀ ନାହାକ ସେଠାରେ ଉପସ୍ଥିତ ଥିଲେ। ବିଶ୍ୱନାଥ ଓ ରଶ୍ମିରାଣୀଙ୍କ ସିଆରପିସି ଧାରା ୧୬୧ ଅନୁସାରେ ବୟାନ ରେକର୍ଡ କରିଥିଲେ ତଦନ୍ତ ଅଧିକାରୀ। ଉକ୍ତ ମାମଲାର ବିଚାର ବେଳେ ଉଭୟ ସାକ୍ଷୀ ଗତ ଅକ୍ଟୋବର ୧୬ରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁଙ୍କ କୋର୍ଟରେ ହାଜର ହୋଇଥିଲେ। ସେମାନେ କୋର୍ଟରେ ଦେଇଥିବା ପୂର୍ବ ବୟାନ ବଦଳାଇଥିଲେ। ଅଭିଯୁକ୍ତଙ୍କୁ ସୁହାଇଲା ଭଳି ସାକ୍ଷ୍ୟ ଦେଇଥିବାରୁ ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ ଜେଠୱାଙ୍କ ନିର୍ଦ୍ଦେଶ ପ୍ରକାରେ ବ୍ରହ୍ମପୁର ଏସ୍‌ପି ଗଣେଶ ପ୍ରଧାନଙ୍କ ସୁପାରିଶ ଅନୁଯାୟୀ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି କରାଯାଇଛି। କନିଷ୍ଠଯନ୍ତ୍ରୀ ରଶ୍ମିରାଣୀ ନାହାକ ବର୍ତ୍ତମାନ ପୁରୁଷୋତ୍ତମପୁର ଏନ୍‌ଏସିରେ କାର୍ଯ୍ୟ କରୁଥିବା ବେଳେ ବିଶ୍ୱନାଥ ଦଳାଇ ଗୋପାଳପୁର ଏନ୍‌ଏସିରେ କାର୍ଯ୍ୟରତ ଅଛନ୍ତି। ଉଭୟ ଏନଏସି ନିର୍ବାହୀ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଛି ବୋଲି ଭିଜିଲାନ୍ସ ଏସପି ଗଣେଶ ପ୍ରଧାନ ସୂଚନା ଦେଇଛନ୍ତି। ଏହି ମାମଲାକୁ ସରକାରୀ ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

